# ପି. ଡି. ଶାମଦାସାନୀ

ବନାମ

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲିମିଟେଡ୍

1951
ଡିସେମ୍ବର 21

[ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ, ମେହର ଚାନ୍ଦ ମହାଜନ, ମୁଖାର୍ଜୀଆ, ଦାସ ଏବଂ ଚନ୍ଦ୍ରଶେଖର ଆୟର୍, ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତୀୟ ସମ୍ବିଧାନ, ଅନୁଚ୍ଛେଦଗୁଡ଼ିକ 19 (1) (f), 31 (1), 32 - ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ସମ୍ପତ୍ତି ଅଧିକାରର ଉଲ୍ଲଂଘନ - ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ - ଗ୍ରହଣୀୟତା - ଅନୁଚ୍ଛେଦ 19 (1) (f) ଏବଂ 31 (1)ଗୁଡ଼ିକର ପରିସର*

ଜନସ୍ୱାର୍ଥରେ ବ୍ୟକ୍ତିଗତ ଅଧିକାରକୁ ନିୟନ୍ତ୍ରଣ କରିବା ଲାଗି ନିଜର କ୍ଷମତାର ବୈଧ ପ୍ରୟୋଗ ବ୍ୟତୀତ ଅନ୍ୟ କୌଣସି ସରକାରୀ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ସମ୍ପତ୍ତିର ଅଧିଗ୍ରହଣ, ଧାରଣ ଏବଂ ବିକ୍ରୟ କରିବାର ସ୍ୱାଧୀନତାକୁ ସୁରକ୍ଷା ଦେବା ସମ୍ବିଧାନର ଅନୁଚ୍ଛେଦ 19(1)(f)ର ସ୍ପଷ୍ଟ ଉଦ୍ଦେଶ୍ୟ ଅଟେ । ସେହିଭଳି, ଅନୁଚ୍ଛେଦ 31 (1) ଆଇନଗତ ପ୍ରକ୍ରିୟା ବ୍ୟତୀତ ଅନ୍ୟ କୌଣସି ଉପାୟରେ ରାଜ୍ୟ ଦ୍ୱାରା ସମ୍ପତ୍ତିରୁ ବଞ୍ଚିତ କରିବା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ । ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ସମ୍ପତ୍ତି ଅଧିକାରର ଉଲ୍ଲଂଘନ ଏହିସବୁ ଅନୁଚ୍ଛେଦଗୁଡ଼ିକର ପରିସରଭୁକ୍ତ ନୁହେଁ ।

ଯେଉଁ ବ୍ୟକ୍ତିଙ୍କ ସମ୍ପତ୍ତି ଅଧିକାରକୁ ଜଣେ ବେସରକାରୀ ବ୍ୟକ୍ତି ଉଲ୍ଲଂଘନ କରନ୍ତି, ତାଙ୍କୁ ଅନୁଚ୍ଛେଦ 32 ମାଧ୍ୟମରେ ଆବେଦନ ଦ୍ୱାରା ନୁହେଁ ବରଂ ସାଧାରଣ ଆଇନ ଅନୁଯାୟୀ ପ୍ରତିକାର କରିବାକୁ ପଡିବ ।

ମୂଳ ଅଧିକାରିତା: ଆବେଦନ ସଂଖ୍ୟା 328/1951 । ସମ୍ବିଧାନର ଅନୁଚ୍ଛେଦ 32 ଅନ୍ତର୍ଗତ ଉତପ୍ରେଷଣ, ନିଷେଧାଦେଶ ଏବଂ ପରମାଦେଶ ପ୍ରକୃତିର ଆଜ୍ଞାଦେଶ ଜାରି କରିବା ପାଇଁ ଆବେଦନ । ତଥ୍ୟଗୁଡ଼ିକ ରାୟରେ ପ୍ରକାଶ ପାଇଛି ।

*ବ୍ୟକ୍ତିଗତ ଭାବେ ଆବେଦନକାରୀ ।*

ଉତ୍ତରଦାତାଙ୍କ ପକ୍ଷରୁ *ଭାରତର ସଲିସିଟର ଜେନେରାଲ, ସି. କେ. ଦାପ୍ଥାରୀ,* (ତାଙ୍କ ସହିତ, *ଜେ. ବି.ଦାଦାଚାଞ୍ଜୀ*) ।

1951 ଡିସେମ୍ବର 21 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

1951
ପି. ଡି. ଶାମଦାସାନୀ
ବନାମ
ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲିମିଟେଡ୍
ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ

ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀଙ୍କ ଦ୍ୱାରା - ଭାରତୀୟ କମ୍ପାନୀ ଅଧିନିୟମ, 1882 ଅନୁଯାୟୀ ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଲିମିଟେଡ, ଯାହାର ବମ୍ବେରେ ଏକ ପଞ୍ଜୀକୃତ କାର୍ଯ୍ୟାଳୟ ଅଛି (ଏହାପରେ "ବ୍ୟାଙ୍କ" ଭାବେ ସୂଚିତ), ଏହି କମ୍ପାନୀ ଦ୍ୱାରା ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ଆଧାରରେ ଅନୁଚ୍ଛେଦ 19 (1) (f) ଏବଂ ଅନୁଚ୍ଛେଦ 31 (1) ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରକୁ ଲାଗୁ କରିବା ପାଇଁ ଏହା ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଦାଏର କରାଯାଇଥିବା ଏକ ଆବେଦନ ଅଟେ ।

ଏହା ଜଣାପଡ଼େ ଯେ ଆବେଦନକାରୀ ବ୍ୟାଙ୍କର ଅଂଶପୁଞ୍ଜିରେ ପାଞ୍ଚଟି ଅଂଶ ରଖିଥିଲେ, ଓ ଋଣ ଦାତାଙ୍କର ସମ୍ପତ୍ତି ଉପରେ ରହୁଥିବା ଅଧିକାରକୁ ପ୍ରୟୋଗ କରି ବ୍ୟାଙ୍କ ଆବେଦନକାରୀଙ୍କ ଠାରୁ ଋଣ ଅସୁଲି ନିମନ୍ତେ ସେହି ଅଂଶଗୁଡ଼ିକୁ ତୃତୀୟ ପକ୍ଷକୁ ବିକ୍ରି କରିଥିଲା ଏବଂ ଏହି ସ୍ଥାନାନ୍ତର 1937 ମସିହାରେ ବ୍ୟାଙ୍କର ପୁସ୍ତକରେ ପଞ୍ଜୀକୃତ ହୋଇଥିଲା । ଏହା ପରେ ଆବେଦନକାରୀ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଏହି ବିକ୍ରି ଓ ହସ୍ତାନ୍ତରର ବୈଧତାକୁ ଆପତ୍ତି କରି ଏହାର ମୂଳ ଏବଂ ଅପିଲ୍ ଅଧିକାରିତାର ପରିସରରେ ଅନେକ କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହି କାର୍ଯ୍ୟାନୁଷ୍ଠାନଗୁଡିକ ମଧ୍ୟରୁ ସଦ୍ୟତମଟି 1951ରେ ବ୍ୟାଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଏକ ମକଦ୍ଦମା ଥିଲା, ଯେଉଁଥିରେ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 7, ନିୟମ 11 (d) ଅନୁଯାୟୀ ଅର୍ଜିକୁ ତମାଦି ହେଇଥିବା ଯୋଗୁଁ, 2 ମାର୍ଚ୍ଚ 1951ରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଆବେଦନକାରୀ ବର୍ତ୍ତମାନ ପ୍ରାର୍ଥନା କରିଛନ୍ତି ଯେ ପୂର୍ବ କାର୍ଯ୍ୟାନୁଷ୍ଠାନରେ କରାଯାଇଥିବା ସମସ୍ତ ପ୍ରତିକୂଳ ଆଦେଶକୁ ରଦ୍ଦ କରିଦିଆଯାଉ ଏବଂ ଉକ୍ତ ଉଚ୍ଚ ନ୍ୟାୟାଳୟକୁ ନିର୍ଦ୍ଦେଶ ଦିଆଯାଉ ଯେ ସେ "ଉପରୋକ୍ତ ମକଦ୍ଦମାର ଅପ୍ରତିବାଦିତ ଶୁଣାଣି କରନ୍ତୁ ଏବଂ ଉତ୍ତରଦାତାଙ୍କ ବିରୁଦ୍ଧରେ ରାୟ ଶୁଣାନ୍ତୁ କିମ୍ବା ଉକ୍ତ ମକଦ୍ଦମା ସମ୍ବନ୍ଧରେ ଉପଯୁକ୍ତ ବିବେଚିତ ଆଦେଶ ଦିଅନ୍ତୁ" । ଏଠାରେ ଉଲ୍ଲେଖ କରାଯୋଇପାରେ ଯେ, ଯଦିଓ ଆବେଦନକାରୀଙ୍କ ଅର୍ଜିକୁ ଖାରଜ କରିଥିବା ଉପରୋକ୍ତ ଆଦେଶ ବିରୋଧରେ ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ, କିନ୍ତୁ ଆବେଦନକାରୀ କିଛି ଉଲ୍ଲେଖଯୋଗ୍ୟ କାରଣ ଦର୍ଶାଇ ପୁନର୍ବିଚାର ପାଇଁ ଆବେଦନଟିକୁ ଦାଏର କରିନଥିଲେ ଯେ, "ଯଦି ପୁନର୍ବିଚାର ପାଇଁ ଆବେଦନଟିକୁ ଦାଖଲ କରାଯାଏ ତେବେ ଉକ୍ତ ଅଦାଲତର ବିଚାରପତିମାନେ ଏହାର ଶୁଣାଣି କରିପାରିବେ ନାହିଁ, କାରଣ ସେମାନେ ସମସ୍ତେ ଏହିପରି ପୁନର୍ବିଚାର ଆବେଦନର ଶୁଣାଣି କରିବା ପାଇଁ ଅନୁପଯୁକ୍ତ ହୋଇଥିଲେ" ଯେହେତୁ ବ୍ୟାଙ୍କ ପ୍ରତି ସେମାନଙ୍କର ଆଗ୍ରହ ଥିଲା କିମ୍ବା ତାଙ୍କ ବିରୁଦ୍ଧରେ ସେମାନଙ୍କର ପ୍ରତିକୂଳ ଧାରଣା ।

ଆମର ମତ ହେଉଛି ଯେ ଆବେଦନକାରୀ ନିଜର ପ୍ରତିକାର ସମ୍ବନ୍ଧରେ ଭୁଲ ଧାରଣା ରଖିଛନ୍ତି ଏବଂ ଆବେଦନଟି ପ୍ରାଥମିକ ଆଧାରରେ ଅସଫଳ ହେବା ଉଚିତ୍ । ଏହାର ସଠିକ ଅର୍ଥରେ ଅନୁଚ୍ଛେଦ 19 (1) (f) କିମ୍ବା ଅନୁଚ୍ଛେଦ 31 (1) ଭୁଲ ଉଦ୍ଦେଶ୍ୟ ଥିବା ବ୍ୟକ୍ତିଗତ କାର୍ଯ୍ୟକୁ ରୋକିବା କିମ୍ବା କେବଳ ବ୍ୟକ୍ତିଗତ ଆଚରଣ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବାର ଉଦ୍ଦେଶ୍ୟ ରଖିନଥିଲା । ଅନୁଚ୍ଛେଦ 19 "ସ୍ୱାଧୀନତା ଅଧିକାର" ସହିତ ଜଡିତ ଏବଂ ଖଣ୍ଡ (1) ନାଗରିକମାନଙ୍କୁ କେତେକ ମୌଳିକ ସ୍ୱାଧୀନତା ପ୍ରଦାନ କରେ, ଯେଉଁଥିରେ "ସମ୍ପତ୍ତି ଅର୍ଜନ, ଧାରଣ ଏବଂ ବିକ୍ରୟ ନିଷ୍ପତ୍ତିର ସ୍ୱାଧୀନତା" ଅନ୍ତର୍ଭୁକ୍ତ, ଯାହା ଖଣ୍ଡ (2) ରୁ (6) ରେ ଉଲ୍ଲେଖ କରାଯାଇଥିବା ପରିସର ଏବଂ ଆଧାର ଅନୁଯାୟୀ ଏହି ଅଧିକାରର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ କରେ । ସମ୍ବିଧାନର ଅନୁଚ୍ଛେଦ 19ର ଭାଷା ଓ ଗଠନପ୍ରଣାଳୀ ଏବଂ ସମ୍ବିଧାନର ତୃତୀୟ ଭାଗରେ ଥିବା ଏହାର ସଂରଚନା ସ୍ପଷ୍ଟ ଭାବେ ଦର୍ଶାଏ ଯେ ଏହି ଅନୁଚ୍ଛେଦଟି ଲୋକହିତରେ ବ୍ୟକ୍ତିଗତ ଅଧିକାରକୁ ନିୟନ୍ତ୍ରଣ କରିବା ପାଇଁ କ୍ଷମତାର ବୈଧ ପ୍ରୟୋଗ କରିବା ବ୍ୟତୀତ ଏହି ସ୍ୱାଧୀନତାକୁ କୌଣସି ରାଜ୍ୟ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିଲା । ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ପତ୍ତିର ଅଧିକାରର ଉଲ୍ଲଙ୍ଘନ ଏହି ଧାରାର ପରିସରଭୁକ୍ତ ନୁହେଁ ।

ଧାରା 31 (1) ଅନୁଯାୟୀ ଏହାର ସ୍ଥିତି ମଧ୍ୟ କିଛି ଭଲ ନୁହେଁ । ଆବେଦନକାରୀ ଅନୁରୋଧ କରିଛନ୍ତି ଯେ ଖଣ୍ଡ (1)କୁ ଅବଶିଷ୍ଟ ଅନୁଚ୍ଛେଦଠାରୁ ପୃଥକ ଏବଂ ସ୍ୱାଧୀନ ଭାବରେ ବ୍ୟାଖ୍ୟା କରାଯିବା ଉଚିତ୍ ଏବଂ ଯଦି ଏପରି ବ୍ୟାଖ୍ୟା କରାଯାଏ, ତେବେ ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ସମ୍ପତ୍ତି ଅଧିକାରର ଉଲ୍ଲଂଘନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ଭାଷା ଯଥେଷ୍ଟ ବ୍ୟାପକ ଅଟେ । ସେ ଖଣ୍ଡ (1) ରେ "ରାଜ୍ୟ" ଶବ୍ଦକୁ ବାଦ୍ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେତେବେଳେ କି ଏହା ସେହି ଅନୁଚ୍ଛେଦର ଖଣ୍ଡ (2) ରେ ତଥା ତୃତୀୟ ଭାଗର ଅନ୍ୟାନ୍ୟ ଅନୁଚ୍ଛେଦରେ ବ୍ୟବହୃତ ହୋଇଥିଲା । ସମ୍ବିଧାନର ସପ୍ତମ ଅନୁସୂଚୀ ଅନ୍ତର୍ଗତ କେନ୍ଦ୍ର ତାଲିକାର ପ୍ରବେଶ ସଂଖ୍ୟା 33, ରାଜ୍ୟ ତାଲିକାର ପ୍ରବେଶ ସଂଖ୍ୟା 36 ଏବଂ ସମବର୍ତ୍ତୀ ତାଲିକାର ପ୍ରବେଶ ସଂଖ୍ୟା 42କୁ ଉଲ୍ଲେଖ କରି ସେ ଯୁକ୍ତି ବାଢ଼ିଥିଲେ ଯେ, ଯଦିଓ ଏହି ପ୍ରବେଶ ସଂଖ୍ୟାଗୁଡିକ ଅନୁଚ୍ଛେଦ 246 ସହିତ ମିଶି କେନ୍ଦ୍ର କିମ୍ବା ରାଜ୍ୟ ଉଦ୍ଦେଶ୍ୟରେ ସମ୍ପତ୍ତି ଅଧିଗ୍ରହଣ କିମ୍ବା ଅଧିଗ୍ରହଣ ସମ୍ବନ୍ଧୀୟ ଆଇନ ପ୍ରଣୟନ କରିବାକୁ ସଂସଦ ଏବଂ ରାଜ୍ୟ ବିଧାନସଭାକୁ କ୍ଷମତା ପ୍ରଦାନ କରିଛି, କିନ୍ତୁ ରାଜ୍ୟ ଦ୍ୱାରା "ସମ୍ପତ୍ତିରୁ ବଞ୍ଚିତ" ସମ୍ବନ୍ଧୀୟ ଆଇନ ପ୍ରଣୟନ କରିବାକୁ କୌଣସି କ୍ଷମତା ପ୍ରଦାନ କରିନାହିଁ, ତେଣୁ ଖଣ୍ଡ(1)ରେ କଳ୍ପିତ "ବଞ୍ଚିତ ହେବା" କେବଳ ବ୍ୟକ୍ତିବିଶେଷଙ୍କ ଦ୍ୱାରା

1951
ପି. ଡି. ଶାମଦାସାନୀ
ବନାମ
ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲିମିଟେଡ୍
ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ

ବଞ୍ଚିତ ହେବା ହୋଇପାରେ । ଭାରତ ସରକାର ଅଧିନିୟମ, 1935ର ଧାରା 299ର ଉପଧାରା (1)ଟି ଅନୁଚ୍ଛେଦ 31ର ଖଣ୍ଡ (1) ସହିତ ଅନୁରୂପ, ଯାହାକି ଅନୁଚ୍ଛେଦ 19ର ତାଲିକା (ପରେ ଅନୁଚ୍ଛେଦ 31 ଭାବରେ ନାମିତ) ରେ ବାଦ ଦିଆଯାଇଥିଲା ବୋଲି ଦର୍ଶାଯାଇଥିଲା, ଯାହା ସଂଶୋଧିତ ରୂପରେ କେବଳ ସେହି ଧାରାର ଉପଧାରା (2) ରେ ଥିବା ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ସମ୍ପତ୍ତିର ବାଧ୍ୟତାମୂଳକ ଅଧିଗ୍ରହଣ ସମ୍ବନ୍ଧୀୟ ବ୍ୟବସ୍ଥାକୁ ବଜାୟ ରଖିଥିଲା । କିନ୍ତୁ, ଖଣ୍ଡ (1) କୁ ପରବର୍ତ୍ତୀ ସମୟରେ ପୁନଃସ୍ଥାପିତ କରାଯାଇଥିଲା ଏବଂ ଅନୁଚ୍ଛେଦ 31 କୁ ଡ୍ରାଫ୍ଟିଂ କମିଟି ରିପୋର୍ଟର ସୁପାରିଶ ଅନୁଯାୟୀ ଏହାର ବର୍ତ୍ତମାନର ରୂପରେ ପ୍ରଣୟନ କରାଯାଇଥିଲା ଏବଂ କରାଯାଇଥିବା ଦାବି ଏହା ଦର୍ଶାଯାଇଥିଲା ଯେ ଖଣ୍ଡ (1)ଟି ଖଣ୍ଡ (2)ଠାରୁ ପୃଥକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବାର ଉଦ୍ଦେଶ୍ୟ ରଖିଥିଲା । ଏହି ଯୁକ୍ତିଗୁଡ଼ିକ ମଧ୍ୟରୁ କୌଣସିଟିରେ ଆମେ କୌଣସି ଶକ୍ତି ଥିବା ଦେଖୁନାହୁଁ ।

ଖଣ୍ଡ (1)କୁ ଅବଶିଷ୍ଟ ଅନୁଚ୍ଛେଦରୁ ପୃଥକ ଭାବରେ ଅର୍ଥ କରାଯିବା ଯୁକ୍ତିକୁ ସମର୍ଥନ କରି *ଚିରଞ୍ଜିତ ଲାଲ ବନାମ ଭାରତ ସଂଘ*ରେ(1) ଆମ ବିଦ୍ୱାନ ଭାଇ ଦାସଙ୍କ କିଛି ପର୍ଯ୍ୟବେକ୍ଷଣ ଉପରେ ଆବେଦନକାରୀ ନିର୍ଭର କରିଥିଲେ, ଯେଉଁଠାରେ ମତ ପ୍ରକାଶ ପାଇଥିଲା ଯେ, ଆଇନର କ୍ଷମତାଧିକାର ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ ଏବଂ କ୍ଷତିପୂରଣ ପ୍ରଦାନ ପାଇଁ କୌଣସି ସର୍ତ୍ତ ଧାର୍ଯ୍ୟ ହୋଇନାହିଁ ଯାହାକି ଖଣ୍ଡ(1) ର ସାଧାରଣ ନୀତିରେ ଉଲ୍ଲିଖିତ, ଯେତେବେଳେ କି ଖଣ୍ଡ (2) ସମ୍ପତ୍ତିର ଅଧିଗ୍ରହଣ କିମ୍ବା ଦଖଲ ହେତୁ ସମ୍ପତ୍ତିରୁ ବଂଚିତ ହେବା ଏବଂ କ୍ଷତିପୂରଣ ପ୍ରଦାନ କରିବା ସହିତ ଜଡିତ ଅଟେ । ଭିନ୍ନ ଶବ୍ଦରେ କହିବାକୁ ଗଲେ, ଖଣ୍ଡ (1)ରେ ଉଲ୍ଲିଖିତ ବଞ୍ଚିତତାକୁ ଖଣ୍ଡ (2)ରେ ଉଲ୍ଲିଖିତ ସମ୍ପତ୍ତିର ଅଧିଗ୍ରହଣ କିମ୍ବା ଅର୍ଜନ ବ୍ୟତୀତ ଅନ୍ୟଥା ବଞ୍ଚିତତାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରହଣ କରାଯିବା ଆବଶ୍ୟକ । ବର୍ତ୍ତମାନ ଆବେଦନର ଉଦ୍ଦେଶ୍ୟ ନିମନ୍ତେ ସେହି ପ୍ରଶ୍ନ ଉପରେ ଆଲୋଚନା କରିବା ଅନାବଶ୍ୟକ ବୋଲି ଆମେ ବିବେଚନା କରୁ । ଏପରିକି ଖଣ୍ଡ(1)କୁ ଖଣ୍ଡ(2) ଠାରୁ ପୃଥକ ଭାବରେ ପଢ଼ିବା ଓ ଅର୍ଥ କରିବା ଆବଶ୍ୟକ ବୋଲି ଧରିନେବା ସତ୍ତ୍ୱେ ଏହା ସ୍ପଷ୍ଟ ଯେ ଏହା ସେହି ସମାନ ବ୍ୟକ୍ତିଗତ ସମ୍ପତ୍ତିର ମୌଳିକ ଅଧିକାରର ନକାରାତ୍ମକ ରୂପରେ ଏକ ଘୋଷଣା ଯେଉଁଥିରେ ଅନୁଚ୍ଛେଦ 21 ଜୀବନ ଓ ସ୍ୱାଧୀନତାର ମୌଳିକ ଅଧିକାର ବିଷୟରେ ଘୋଷଣା କରେ । ଧାରା 21ରେ ରାଜ୍ୟ ବିଷୟରେ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ । କିନ୍ତୁ କ'ଣ ଏହି ଆଧାରରେ

(1)[1950] S. C. R. 869.

କୁହାଯାଇପାରିବ ଯେ ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା ଏହି ଅନୁଚ୍ଛେଦର ଉଦ୍ଦେଶ୍ୟ ଥିଲା? "ଆଇନ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ବ୍ୟତୀତ" ଶବ୍ଦଗୁଡିକ ଏପରି ଏକ ପ୍ରସ୍ତାବକୁ ସ୍ପଷ୍ଟ ଭାବରେ ବାଦ୍ ଦେଇଥାଏ । ସେହିଭଳି ଅନୁଚ୍ଛେଦ 31ର ଖଣ୍ଡ (1)ରେ ଥିବା "ଆଇନଗତ ପ୍ରାଧିକରଣ ବ୍ୟତୀତ" ଶବ୍ଦରୁ ଏହା ସ୍ପଷ୍ଟ ହେଉଛି ଯେ ବେସରକାରୀ ସମ୍ପତ୍ତି ବିରୁଦ୍ଧରେ ଅନଧିକୃତ ସରକାରୀ କାର୍ଯ୍ୟାନୁଷ୍ଠାନର ଏହା ଏକ ନିଷେଧାଦେଶ, କାରଣ ଜଣେ ବେସରକାରୀ ବ୍ୟକ୍ତି ଆଇନ ଦ୍ୱାରା ପ୍ରାଧିକୃତ ହୋଇ ଅନ୍ୟ ଜଣଙ୍କୁ ତାଙ୍କ ସମ୍ପତ୍ତିରୁ ବଂଚିତ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ।

ତାଲିକାଭୁକ୍ତ ବିଷୟ ଉପରେ ଆଧାରିତ ଯୁକ୍ତି ତ୍ରୁଟିପୂର୍ଣ୍ଣ । କେବଳ ସପ୍ତମ ଅନୁସୂଚୀରେ "ସମ୍ପତ୍ତିରୁ ବଞ୍ଚିତ ହେବା" ସମ୍ବନ୍ଧରେ କୌଣସି ବିଷୟ ନଥିବାରୁ ସମ୍ପତ୍ତିରୁ ବଞ୍ଚିତ ହେବା ପାଇଁ ଏକ ଆଇନ ପ୍ରଣୟନ କରିବା ଦେଶର ବିଧାନସଭାଙ୍କ କ୍ଷମତା ମଧ୍ୟରେ ନାହିଁ ବୋଲି କହିବା ଠିକ୍ ନୁହେଁ । ଏପରି ଆଇନ, ଉଦାହରଣ ସ୍ୱରୂପ, ତାଲିକା IIର ପ୍ରବେଶ ସଂଖ୍ୟା 1, ତାଲିକା IIର ପ୍ରବେଶ ସଂଖ୍ୟା 1 କିମ୍ବା ତାଲିକା IIIର ପ୍ରବେଶ ସଂଖ୍ୟା 1ରେ ଅନ୍ତର୍ଭୁକ୍ତ କରାଯାଇପାରିବ । ଅନୁଚ୍ଛେଦ 31 (1)ରେ ହିଁ ସମ୍ପତ୍ତିରୁ ବଞ୍ଚିତ କରିବା ପାଇଁ ଆଇନ ପ୍ରଣୟନ କରାଯିବାର ବ୍ୟବସ୍ଥା ରହିଛି ଏବଂ ଆବଶ୍ୟକ ବୈଧାନିକ କ୍ଷମତାର ଅସ୍ତିତ୍ୱକୁ ଅସ୍ୱୀକାର କରିବା ଅର୍ଥହୀନ ।

ଏହି ଅନୁଚ୍ଛେଦଟିର ବୈଧାନିକ ଇତିହାସ ମଧ୍ୟ ଆବେଦନକାରୀଙ୍କ ଯୁକ୍ତିକୁ କୌଣସି ସମର୍ଥନ କରେ ନାହିଁ । ଭାରତ ସରକାର ଅଧିନିୟମ, 1935ର ଧାରା 299 (1) କୁ କେବେହେଲେ ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ସମ୍ପତ୍ତିରୁ ବଞ୍ଚିତ କରିବା ସମ୍ବନ୍ଧୀୟ ପ୍ରତିବନ୍ଧକ ଭାବରେ ବ୍ୟାଖ୍ୟା କରାଯାଇନାହିଁ । ତେଣୁ, ମୂଳ ଡ୍ରାଫ୍ଟ ଅନୁଚ୍ଛେଦ 19ରୁ ବାଦ୍ ଦେବା ପରେ, ଅନୁଚ୍ଛେଦ 31ରେ ସମାନ ରୂପରେ ଏହାର ପୁନଃସ୍ଥାପନ, ଆବେଦନକାରୀଙ୍କ ଯୁକ୍ତିକୁ ସମର୍ଥନ କରିବା ପାଇଁ କୌଣସି ମୀମାଂସାରେ ଉପନୀତ ହୋଇପାରିବ ନାହିଁ, ଯାହା ପ୍ରକୃତରେ ଏହି ମୌଳିକ ଭୁଲ ଧାରଣା ଉପରେ ଆଧାରିତ ଯେ ବ୍ୟକ୍ତିଗତ ସମ୍ପତ୍ତି ଉପରେ ରାଜ୍ୟର କାର୍ଯ୍ୟ ଆଚରଣ ବିରୁଦ୍ଧରେ ପ୍ରମୁଖ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରୁଥିବା ଅନୁଚ୍ଛେଦ 19 (1) (f) ଏବଂ ଅନୁଚ୍ଛେଦ 31 (1), ବେସରକାରୀ ବ୍ୟକ୍ତିଙ୍କ ଦ୍ୱାରା ଉଲ୍ଲଂଘନ ବିରୁଦ୍ଧରେ ନିର୍ଦ୍ଦେଶିତ, ଯାହା ପାଇଁ ସାଧାରଣ ଆଇନରେ ପ୍ରତିକାର ଖୋଜାଯିବା ଉଚିତ୍ ।

ବ୍ୟାଙ୍କ ତରଫରୁ ସଲିସିଟର ଜେନେରାଲଙ୍କ ଦ୍ୱାରା ଏହି ଦୃଷ୍ଟିକୋଣରୁ ଆଗତ ଆବେଦନର ଗ୍ରହଣୀୟତା ଉପରେ ଉଠିଥିବା ଅନ୍ୟ କେତେକ ଆପତ୍ତି ଉପରେ ବିଚାର କରିବା ଅନାବଶ୍ୟକ ଅଟେ । ଏହି ଆବେଦନ ଖାରଜ ହୋଇଛି । ଆମେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ କରୁନାହୁଁ।

*ଆବେଦନ ଖାରଜ ହୋଇଛି।*

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି : *ରାଜିନ୍ଦର ନାରାୟଣ* ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ